**ମନ୍ଦିରରୁ ଲୁଟ୍ ଉଦ୍ୟମ**

ସୋରଡ଼ା : ସୋରଡ଼ା ପଞ୍ଚାନନ ମନ୍ଦିର ହୁଣ୍ଡିରୁ ଶୁକ୍ରବାର ରାତିରେ ଦୁର୍ବୃତ୍ତମାନଙ୍କ ଚୋରି କରି ଅର୍ଥ ନେବା ଉଦ୍ୟମ ବିଫଳ ହୋଇଛି। ରାତିରେ ଦୁର୍ବୃତ୍ତମାନେ ମନ୍ଦିର କବାଟ ତାଲା ଭାଙ୍ଗି ଭିତରେ ପଶି ହୁଣ୍ଡିକୁ ନେଇଥିଲେ। ଶନିବାର ସକାଳେ ପୂଜକ ପହଞ୍ଚିଲା ବେଳେ ମନ୍ଦିର ତାଲା ଭଙ୍ଗାଥିବା ଦେଖି ପରିଚାଳନା କମିଟିକୁ ଜଣାଇଥିଲେ। କମିଟି ସଭ୍ୟ ମନୋଜ କୁମାର ପଟ୍ଟନାୟକଙ୍କଠାରୁ ଖବର ପାଇ ସୋରଡ଼ା ପୋଲିସ ପହଞ୍ଚି ମନ୍ଦିର ନିକଟ ଜରଉ ନଦୀ ପଠା ବାଲିରେ ପୋତି ହୋଇଥିବା ହୁଣ୍ଡିକୁ ଉଦ୍ଧାର କରିଥିଲା। ହୁଣ୍ଡିଟି ଶକ୍ତ ଲୁହାରେ ତିଆରି ହୋଇଥିବାରୁ ଚୋରମାନେ ଭାଙ୍ଗି ଟଙ୍କା ବାହାର କରିପାରି ନ ଥିଲେ।

## ସଂକ୍ଷେପରେ

### ୧୧ରୁ ପରବର୍ତ୍ତୀ ସାକ୍ଷ୍ୟ ଗ୍ରହଣ

#### ଲକ୍ଷ୍ମୀଦତ୍ତ ହତ୍ୟା ମାମଲା

**ଛତ୍ରପୁର, ୨୩।୧(ଡି.ଏନ.ଏ.)**-ଗଞ୍ଜାମ ଜିଲା ଛତ୍ରପୁର ବିଜେଡି କାଉନ୍ସିଲର ଲକ୍ଷ୍ମୀଦତ୍ତ ପ୍ରଧାନ ହତ୍ୟା ମାମଲାର ପରବର୍ତ୍ତୀ ସାକ୍ଷ୍ୟ ଗ୍ରହଣ ଫେବୃୟାରୀ ୧୧ରୁ ହେବା ଲାଗି ଧାର୍ଯ୍ୟ ହୋଇଛି। ବୁଧବାର ଲକ୍ଷ୍ମୀଦତ୍ତଙ୍କ ସାନ ଭାଇ ଦେବୀଦତ୍ତ, ଗୁରୁବାର ବଡଭାଇ ସଞ୍ଜୀବ ଓ ଶୁକ୍ରବାର ମା' ପ୍ରମିଳା ପ୍ରଧାନ ଛତ୍ରପୁର ଏଡିଜେଙ୍କ କୋର୍ଟରେ ସାକ୍ଷ୍ୟ ଦେଇଥିଲେ। ପୁଣି ଫେବୃୟାରୀ ୧୧ ଓ ୧୨ ତାରିଖରେ ଏହି ହତ୍ୟା ମାମଲାରେ ସାକ୍ଷ୍ୟ ଗ୍ରହଣ ହେବ। ଏହି ମାମଲାରେ ୫୪ ଜଣ ସାକ୍ଷୀ ଅଛନ୍ତି। ସ୍ପେଶାଲ ପିପି ତ୍ରିଲୋଚନ ପରିଡା ମାମଲା ପରିଚାଳନା କରୁଛନ୍ତି। ପ୍ରକାଶଯେ, ୨୦୧୭ ସେପ୍ଟେମ୍ବର ୧୬ରେ ଲକ୍ଷ୍ମୀଦତ୍ତଙ୍କୁ ତାଙ୍କ ଘର ଆଗରେ ଖଣ୍ଡାରେ ହାଣି ହତ୍ୟା କରାଯାଇଥିଲା। ଘର ବାହାରେ ଲାଗିଥିବା ସିସି କ୍ୟାମେରାର ଫୁଟେଜ୍‌ରୁ ହତ୍ୟାକାରୀଙ୍କୁ ଚିହ୍ନଟ କରାଯାଇଥିଲା

### ନାବାର୍ଡ ପକ୍ଷରୁ କର୍ମଶାଳା

**ବ୍ରହ୍ମପୁର ଅଫିସ୍, ୨୩।୧**-ନାବାର୍ଡ଼ ପକ୍ଷରୁ କେନ୍ଦ୍ର ସରକାରଙ୍କ ଆଗ୍ରି କ୍ଲିନିକ୍ ଓ ଆଗ୍ରି ବିଜନେସ୍ ସେଣ୍ଟର ଯୋଜନା ସଂପର୍କିତ ଏକ କର୍ମଶାଳା ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନାବାର୍ଡ଼ର ଗଞ୍ଜାମ ଜିଲା ଅଧିକାରୀ ସୁମନ ସାହୁ ଉକ୍ତ ଯୋଜନାର ମୁଖ୍ୟ ବିଶେଷତା ଉପରେ ଆଲୋକପାତ କରିଥିଲେ। ଏହି ଯୋଜନାରେ ରହିଥିବା ପ୍ରଶିକ୍ଷଣ ବ୍ୟବସ୍ଥା ସମ୍ପର୍କରେ ପ୍ରଫେସର ରତ୍ନାକର ମିଶ୍ର ଅବଗତ କରାଇଥିଲେ। କୃଷି, ଉଦ୍ୟାନ କୃଷି, ପ୍ରାଣୀ ସମ୍ପଦ ଓ ମତ୍ସ୍ୟ ବିଭାଗ ପ୍ରମୁଖ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇ କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ରରେ ଲାଗୁ ହେଉଥିବା ସରକାରଙ୍କର ବିଭିନ୍ନ ଯୋଜନା ସମ୍ବନ୍ଧରେ ସୂଚନା ଦେଇଥିଲେ। ଗଞ୍ଜାମ ଜିଲା ଏଲ୍‌ଡ଼ିଏମ୍ ଅଶୋକ କୁମାର ପଣ୍ଡା ଯୋଗ ଦେଇ ସରକାରୀ ଯୋଜନା ଗୁଡ଼ିକ ଉପରେ ଅଧିକା ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦେଇଥିଲେ।

### ସାମାଜିକ କର୍ମୀଙ୍କ ପରଲୋକ

**ବ୍ରହ୍ମପୁର ଅଫିସ, ୨୩।୧**-ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁଙ୍କ ବଡ଼ଭାଇ ଭଗବାନ ସାହୁ(୭୮)ଙ୍କ ଶନିବାର ପରଲୋକ ହୋଇଯାଇଛି। ସେ ଜଣାଶୁଣା ସାମାଜିକ କର୍ମୀ ଓ ଧର୍ମ ପରାୟଣ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ଗୋଷାଣୀନୂଆଗାଁ ସମେତ ବିଭିନ୍ନ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏମ୍‌ପିଙ୍କ ସମେତ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ବିଧାୟକ ତଥା ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ରାଜ୍ୟ ବିଜେଡି ସମ୍ପାଦକ ସୁବାସ ଚନ୍ଦ୍ର ମହାରଣା ପ୍ରମୁଖ ଶୋଶ ଦର୍ଶନ କରିଥିଲେ।

### ପରାକ୍ରମ ଦିବସ

**ଆସିକା, ୨୩।୧(ଡି.ଏନ୍.ଏ.)**- ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଆସିକା ନଗର ଶାଖା ପକ୍ଷରୁ ଶନିବାର ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୫ତମ ଜୟନ୍ତୀକୁ ପରାକ୍ରମ ଦିବସ ରୂପେ ପାଳନ କରାଯାଇଥିଲା। ଏହି ଅବସରରେ ଶିଶୁ ମନ୍ଦିର ପରିସରରେ ସ୍ଥାପିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲେ। ଏବିଭିପି ଘୁମୁସର ଜିଲା ସଂଯୋଜକ ସ୍ୱାଗତ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯକ୍ରମରେ ଗଞ୍ଜାମ ଜିଲା ସଂଯୋଜକ ହିମାଂଶୁ ଶେଖର ତ୍ରିପାଠୀ, ନଗର ସମ୍ପାଦକ ଅନିଲ ସ୍ୱାଇଁ, ସୁନିଲ ମୁନି, ସୁମନ ପାତ୍ର, ସୋହନ ଗୌଡ, ଗଣେଶ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ୩୮ କୋଟି ବ୍ୟୟରେ ହେବ ସହରର ଉନ୍ନତୀକରଣ

**ବ୍ରହ୍ମପୁର ଅଫିସ୍, ୨୩।୧**


ବିଏମ୍‌ସି କର୍ପୋରେଶନ୍ ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ।

- ବିଏମ୍‌ସି କର୍ପୋରେଶନ୍ ବୈଠକ
- ବ୍ରହ୍ମପୁରକୁ ସ୍ମାର୍ଟ ସିଟି ଲକ୍ଷ୍ୟ
- ଖୁବ୍‌ଶୀଘ୍ର ହଳଦିଆପଦର, ଛତ୍ରପୁର ଓ ଗୋପାଳପୁର ବସ୍‌ଷ୍ଟାଣ୍ଡ କାର୍ଯ୍ୟକାରୀ

ବ୍ରହ୍ମପୁର ସହରର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନେଇ ଶନିବାର ମହାନଗର ନିଗମ ପକ୍ଷରୁ ନିଗମ କାର୍ଯ୍ୟାଳୟ ପରିସରରେ କର୍ପୋରେଶନ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରିଥିଲେ। ବର୍ତ୍ତମାନ ସହରର ଉନ୍ନତୀକରଣ ନିମନ୍ତେ ବିଏମ୍‌ସି ପକ୍ଷରୁ ପ୍ରାୟ ୩୮ କୋଟି ଟଙ୍କା ବ୍ୟୟରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ହେବା ନେଇ ଜିଲାପାଳ ସୂଚନା ଦେଇଛନ୍ତି। ବ୍ରହ୍ମପୁର ସହରକୁ ସ୍ମାର୍ଟ ସିଟିରେ ପରିଣତ କରିବା କ୍ଷେତ୍ରରେ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବା ନେଇ ବୈଠକରେ ନିଷ୍ପତ୍ତି ହୋଇଥିବା ଜିଲାପାଳ ସୂଚନା ଦେଇଛନ୍ତି। ଏଥିମଧ୍ୟରୁ ରାସ୍ତାର ଉନ୍ନତୀକରଣ ନିମନ୍ତେ ୧୦୬୩ ଲକ୍ଷ, ଡ୍ରେନ୍ ନିମନ୍ତେ ୧୯୨ ଲକ୍ଷ, ଶବଦାହ ପାଇଁ ୪୦୦ ଲକ୍ଷ, ଶୌଚାଳୟ ପାଇଁ ୩୨.୧୬ ଲକ୍ଷ, ୩୧୦ଲକ୍ଷରେ ପାନୀୟ ଜଳ ବ୍ୟବସ୍ଥା, ୨୦୦ ଲକ୍ଷ ଟଙ୍କା ବ୍ୟୟରେ ଆଇନା ବନ୍ଧ ଓ ହରିଡ଼ାଖଣ୍ଡି ବନ୍ଧର ଉନ୍ନତୀକରଣ, ଜାଗା ମିଶନ୍ ନିମନ୍ତେ ୪୦୩ ଲକ୍ଷ, ଚାରୋଟି ଇନ୍‌ଡ଼ୋର ଷ୍ଟାଡ଼ିୟମ୍ ପାଇଁ ୧୫୨ ଲକ୍ଷ, ଚାରୋଟି ଭଲିବଲ୍ କୋର୍ଟ ନିମନ୍ତେ ୫୦ ଲକ୍ଷ, ୨୦୦ ଲକ୍ଷ ଟଙ୍କାରେ ଗାନ୍ଧୀ ପାର୍କ ଓ ନେହେରୁ ପାର୍କକୁ ସ୍ମାର୍ଟ ପାର୍କ, ୪୫ ଲକ୍ଷ ଟଙ୍କାରେ ଗୋଷ୍ଠୀ ଶୌଚାଳୟ, ୧୫୦ ଲକ୍ଷ ଟଙ୍କାରେ ଅତ୍ୟାଧୁନିକ ପରିବା ମାର୍କେଟ, ୨୦୦ ଲକ୍ଷ ଟଙ୍କାରେ ଅତ୍ୟାଧୁନିକ ଆମିଷ ମାର୍କେଟ, ୧୯୦ ଲକ୍ଷ ଟଙ୍କାରେ ରାସ୍ତା ପାର୍ଶ୍ୱ ସୌନ୍ଦର୍ଯ୍ୟକରଣ,୨୦ ଲକ୍ଷ ଟଙ୍କାରେ ପଲି ହାଉସ୍ ଭଳି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟପନ୍ଥା ହାତକୁ ନିଆଯାଇଥିବା ସୂଚନା ମିଳିଛି।

ଏଥିସହ ହଳଦିଆପଦର, ଛତ୍ରପୁର ଓ ଗୋପାଳପୁର ବସ୍ ଷ୍ଟାଣ୍ଡ ଖୁବ୍ ଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ସହରରେ ଜବରଦଖଲ ଉଚ୍ଛେଦ ଜାରି ରହିବ। ଡ୍ରେନ୍‌କୁ ମାଡ଼ି ବସିଥିବା ଜବରଦଖଲ ମୁକ୍ତ କରାଯିବ ଏବଂ ଜାନିବିଲିର ସମସ୍ତ କାର୍ଯ୍ୟ ଶେଷ ହେବ ବୋଲି ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର, ଡେପୁଟି କମିଶନର ରୋମାଞ୍ଚଳ ଖମାରୀ, ସିଟି ଇଞ୍ଜିନିୟର ଏମ୍. ଆର. ମାଳି, ନିର୍ବାହୀ ଯନ୍ତ୍ରୀ ବି. କେ. ପାଢୀଙ୍କ ସମେତ ବିଏମ୍‌ସିର ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ରାସ୍ତା ନିର୍ମାଣରେ ଅନିୟମିତତା

**ଛତ୍ରପୁର, ୨୩।୧(ଡି.ଏନ୍.ଏ.)**

ଛତ୍ରପୁର ବ୍ଲକ ବଡମାଧପୁର ଗାଁର ବେସରକାରୀ ଜମିରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ରାସ୍ତା ନିର୍ମାଣ କରାଯାଉଥିବା ଅଭିଯୋଗ ହୋଇଛି। ଏଥିସହ ଏମ୍‌ଜିଏନଆରଇଜିଏସ୍‌ର ଗାଇଡ୍‌ଲାଇନ୍‌କୁ ଉପେକ୍ଷା କରି ବିଭିନ୍ନ ଅନିୟମିତତା କରାଯାଇଥିବା ଜିଲା ପରିଷଦ ସଭ୍ୟ ଏସ୍. କିଶୋର ଚନ୍ଦ୍ର ରେଡ୍ଡୀ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ପରିଷଦ ସଭ୍ୟ ଲିଖିତ ଭାବେ ଛତ୍ରପୁର ବିଡିଓଙ୍କୁ ସ୍ମାରକପତ୍ର ଦେଇ ତଦନ୍ତ ଦାବି କରିଛନ୍ତି। ତାଙ୍କ କହିବାନୁଯାୟୀ, ୨୦୧୯-୨୦ ବର୍ଷରେ ନଦୀଘାଟଠାରୁ ଜଣକ ବିଲ ପର୍ଯ୍ୟନ୍ତ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ରାସ୍ତା ନିର୍ମାଣରେ ଦୁର୍ନୀତି ଓ ଅନିୟମିତତା ହୋଇଛି। ଏଥିସହ ନିୟମକୁ ଉଲ୍ଲଂଘନ କରାଯାଇଥିବା ସେ ଅଭିଯୋଗ କରିଛନ୍ତ। ଏହି କାର୍ଯ୍ୟରେ ଜେସିବି ମେଶିନ୍‌ର ବ୍ୟବହାର ସହ ଚଞ୍ଚକତା କରି ଶ୍ରମିକମାନଙ୍କୁ ଏଥିରେ ନିୟୋଜିତ କରାଯାଇଛି। ଏହି ସବୁ ଅନିୟମିତତା ନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଆରଟିଆଇରେ ତଥ୍ୟ ଜିଲା ପରିଷଦ ସଭ୍ୟ ମାଗିଥିଲେ। ମାତ୍ର ଏହାର ତଥ୍ୟ ଦେବା ବଦଳରେ ଧମକ ଚମକ ଦିଆଯାଉଥିବା ଜିଲା ପରିଷଦ ସଭ୍ୟ ରେଡ୍ଡୀ ଅଭିଯୋଗ କରିବା ସହ ଏ ସମ୍ପର୍କରେ ବିଡିଓଙ୍କୁ ସେ ଜଣାଇଛନ୍ତି।

# ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟ୍

**ଚିକିଟି, ୨୩।୧(ଡି.ଏନ.ଏ.)**

କେ.ନୂଆଗାଁ ଥାନା ଚିକିଟି ବଜାର ସ୍ଥିତ ଏକ ସୁନା ଦୋକାନରୁ ଶୁକ୍ରବାର ମଧ୍ୟରାତିରେ ୪ ଲକ୍ଷ ଟଙ୍କାର ସୁନା, ରୁପା ଅଳଙ୍କାର ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଦୋକାନ ମାଲିକ ବିଷ୍ଣୁ ବାଗଲଙ୍କ ଏତଲା କ୍ରମେ ଶନିବାର ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ରନାଥ ମୁର୍ମୁ, ଥାନାଧିକାରୀ ମାଧବାନନ୍ଦ ନାୟକ, ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ସିସି ଟିଭି ଯାଞ୍ଚ କରାଯିବାରୁ ପ୍ରାୟ ୬ ଜଣ ଲୁଟେରା ଏଥିରେ ସାମିଲ ଥିବା ଜଣାପଡ଼ିଛି। ପ୍ରକାଶ ଯେ, ଶୁକ୍ରବାର ବିଷ୍ଣୁ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ମଧ୍ୟରାତ୍ରିରେ ଦୁର୍ବୃତ୍ତମାନେ ଦାଣ୍ଡପଟୁ ଶଟର୍ ତାଡି ଦୋକାନ ଭିତରେ ପଶି ପ୍ରାୟ ୨କେଜି ରୁପା ଓ କିଛି ସୁନା ଅଳଙ୍କାର ଲୁଟି ନେଇ ଫେରାର ହୋଇଯାଇଥିଲେ। ସକାଳେ ଦୋକାନରୁ ଲୁଟ୍ ହୋଇଥିବା ଖବର ପାଇଁ ବିଷ୍ଣୁ କେ.ନୂଆଗାଁ ଥାନାରେ ଜଣାଇଥିଲେ। ବିଗତ ଦିନଗୁଡ଼ିକରେ ଏହିଭଳି ଲୁଟ୍ ହେଉଥିଲେ ମଧ୍ୟ ପୋଲିସ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ଏ ନେଇ ଚିକିଟି ଏସ୍‌ଡିପିଓଙ୍କୁ ପଚାରିବାରୁ ଉକ୍ତ ଘଟଣାଗୁଡିକର ତଦନ୍ତ ଚାଲିଛି, ଶୀଘ୍ର ଲୁଟେରାଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି। ପୋଲିସର ନିଷ୍କ୍ରିୟତା ଓ ପାଟ୍ରୋଲିଂ ହେଉ ନ ଥିବା ଯୋଗୁ ଏଭଳି ଲୁଟ୍ ବୃଦ୍ଧି ପାଉଛି ବୋଲି ଚିକିଟି ବଜାର ସଂଘର ସଭାପତି ପ୍ରମୋଦ କୁମାର ସାହୁ କହିଛନ୍ତି। ଏଥିପ୍ରତି ପୋଲିସ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି।


ଘଟଣାସ୍ଥଳରେ ପୋଲିସର ତଦନ୍ତ।

# ଗର୍ଭବତୀଙ୍କଠାରୁ ପ୍ରସୂତିଙ୍କୁ ଟ୍ରାକିଂ ନିର୍ଦ୍ଦେଶ

**ଛତ୍ରପୁର, ୨୩।୧(ଡି.ଏନ.ଏ.)**

- ଗର୍ଭପାତର ତଦନ୍ତ କରାଯିବ
- ଭାଲେଣ୍ଟାଇନ୍ ଦିବସରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

କନ୍ୟା ସନ୍ତାନ ବୃଦ୍ଧି ସହ ଗର୍ଭବତୀ, ପ୍ରସୂତିଙ୍କ ସୁରକ୍ଷା ନେଇ ଗଞ୍ଜାମ ଜିଲାରେ 'ମୋ ଗେହ୍ଲା ଝିଅ' କାର୍ଯ୍ୟକ୍ରମ ଚାଲିଛି। ଏଣିକି ଗର୍ଭବତୀଙ୍କଠାରୁ ଆରମ୍ଭ କରି ଡେଲିଭରି ପର୍ଯ୍ୟନ୍ତ ଉକ୍ତ ମହିଳାଙ୍କ ଟ୍ରାକିଂ କରାଯିବ। ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲା ଟାସ୍କଫୋର୍ସ ବୈଠକରେ ଅଧ୍ୟକ୍ଷତା କରି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏହି ନିର୍ଦ୍ଦେଶ ଦେଇଛନ୍ତି। ଗର୍ଭପାତ ସମ୍ପର୍କରେ ଜାଣିବା ପରେ ଏହାର ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ଜିଲାପାଳ କହିଛନ୍ତି। କେଉଁ ଗର୍ଭବତୀ ଓ ମା'ଙ୍କ ସ୍ୱାସ୍ଥ୍ୟ ସମସ୍ୟା ଥିଲେ ଜଣାନ୍ତୁ, ଫଳରେ ମା' ଏବଂ ଗର୍ଭବତୀଙ୍କ ଜୀବନ ରକ୍ଷା କରାଯାଇପାରିବ। କେତେକ ବ୍ଲକରେ କନ୍ୟା ଶିଶୁ ଜନ୍ମ ହାର କମ୍ ରହିଛି। ସମ୍ପୃକ୍ତ ଅଞ୍ଚଳର ସିଡିପିଓ ଓ ମେଡିକାଲ ଅଫିସରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଫେବୃୟାରୀ ୧୪ ତାରିଖ ଭାଲେଣ୍ଟାଇନ୍ ଡେ। ଉକ୍ତ ଦିନ ଜିଲାର ସମସ୍ତ ୫୦୩ ପଞ୍ଚାୟତରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇ ନବଜାତ କନ୍ୟା ଶିଶୁମାନଙ୍କ ମା'ଙ୍କୁ ସମ୍ବର୍ଦ୍ଧନା ଦେବା ସହ ନବ ବିବାହିତା ଦମ୍ପତିଙ୍କୁ ଡାକି ପ୍ରତିଜ୍ଞା ନେବା ନେଇ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ସମ୍ପର୍କରେ ମଧ୍ୟ ଅବଗତ କରାଯିବ। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ, ଅଙ୍ଗନୱାଡି କର୍ମୀ, ପଞ୍ଚାୟତିରାଜ ପ୍ରତିନିଧି ଉପସ୍ଥିତ ରହିବେ। ସ୍ଥାନୀୟ ଥାନା ଆଇଆଇସିମାନଙ୍କୁ ମଧ୍ୟ ଏଥିରେ ସାମିଲ ରହିବାକୁ କୁହାଯାଇଛି। ପ୍ରତି ମାସର ୧୪ ତାରିଖରେ କୋଭିଡ୍ ଗାଇଡ୍‌ଲାଇନ୍‌କୁ ପାଳନ କରି ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମର ଆୟୋଜନ କରିବାକୁ କୁହାଯାଇଛି। କନ୍ୟା ଶିଶୁ ସନ୍ତାନ ପ୍ରତିଶତ କିଭଳି ବୃଦ୍ଧି ହେବ ସେ ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ ୩୦୪୮ ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ କରାଯାଇ ୬୦୬୫ ଜଣ ନବଜାତ କନ୍ୟା ଶିଶୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବୈଠକରେ ସୂଚନା ଦିଆଯାଇଛି।

# ଦାଦାବଟି ନ ଦେବାରୁ ଯୁବକଙ୍କୁ କାତି ଚୋଟ


କାତି ଚୋଟରେ ଆହତ ଶ୍ରୀକାନ୍ତ

**ବ୍ରହ୍ମପୁର ଅଫିସ, ୨୩।୧**

ବ୍ରହ୍ମପୁର ଟାଉନ୍ ଥାନା ଅନ୍ତର୍ଗତ କଂଗ୍ରେସ ଅଫିସ୍ ଛକରେ ଶନିବାର ଜଣେ ଯୁବକ ଉନ୍ମତ୍ତ କାଣ୍ଡ ଘଟାଇଛନ୍ତି। କାତି ଧରି ଆତଙ୍କରାଜ ସୃଷ୍ଟି କରିବା ସହିତ ଜଣେ ଗ୍ୟାରେଜ୍ ମେକାନିକ୍‌ଙ୍କୁ ଦାଦାବଟି ମାଗି କାତିରେ ଆକ୍ରମଣ କରିଛନ୍ତି। ଯୁବକଙ୍କ ଆକ୍ରମଣରେ ଶ୍ରୀକାନ୍ତ କୁମାର ପାଢ଼ୀ ନାମକ ଜଣେ ଯୁବକ ଆହତ ହୋଇଛନ୍ତି। ଟାଉନ୍ ଥାନା ପୋଲିସ ପହଞ୍ଚି ଶ୍ରୀକାନ୍ତଙ୍କୁ ଉଦ୍ଧାର କରି ସିଟି ହସ୍ପିଟାଲରେ ଭର୍ତ୍ତି କରିଛି। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଅଭିଯୁକ୍ତ ଯୁବକ ମୁନା ଦାସଙ୍କୁ କାବୁ କରିଥିବା ଜଣାପଡ଼ିଛି। ଲାଞ୍ଜିପଲ୍ଲୀରେ ରହୁଥିବା ଶ୍ରୀକାନ୍ତ କଂଗ୍ରେସ ଅଫିସ୍ ଛକରେ ଥିବା ଏକ ଗ୍ୟାରେଜରେ କାମ କରୁଛନ୍ତି। ଗତ ଦୁଇଦିନ ତଳେ ମୁନା କୌଣସି କାମରେ ଶ୍ରୀକାନ୍ତ କାମ କରୁଥିବା ଗ୍ୟାରେଜକୁ ଆସି ଶହେ ଟଙ୍କା ଦାଦାବଟି ମାଗିଥିଲେ। ବେପାର ନ ଥିବାରୁ ଟଙ୍କା ନାହିଁ ବୋଲି ଶ୍ରୀକାନ୍ତ କହିଥିଲେ। ଏଥିରେ ମୁନା ଗାଳିଗୁଲଜ କରି ଗ୍ୟାରେଜର କିଛି ସାମଗ୍ରୀ ଭାଙ୍ଗି ସେଠାରୁ ଚାଲି ଯାଇଥିଲା। ଶନିବାର ପୁଣିଥରେ ମୁନା ଗ୍ୟାରେଜକୁ ଆସିବାରୁ ଶ୍ରୀକାନ୍ତ ତାଙ୍କୁ ଚେକି ଭାଙ୍ଗିବା ଘଟଣା ସମ୍ପର୍କରେ ପଚାରିଥିଲେ। ଏଥିରେ ମୁନା ଉତ୍କ୍ଷିପ୍ତ ହୋଇ କାତି ଧରି ସେଠାରେ ଆତଙ୍କ ସୃଷ୍ଟି କରିଥିଲେ। ଏପରି କି ଶ୍ରୀକାନ୍ତ କାମ କରୁଥିବା ଗ୍ୟାରେଜରେ ନିଆଁ ଲଗାଇବା ପାଇଁ ଉଦ୍ୟମ କରିଥିଲେ। ଏଥିରେ ଶ୍ରୀକାନ୍ତ ପ୍ରତିବାଦ କରିବାରୁ ମୁନା ତାଙ୍କ ଉପରେ କାତି ଚୋଟ ପକାଇଥିଲେ। ଏହା ଦେଖି ଅନ୍ୟ ଗ୍ୟାରେଜ୍ ମାଲିକ ଓ ସ୍ଥାନୀୟ ଲୋକେ ପହଞ୍ଚିଯିବାରୁ ମୁନା ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ।

# ଟାଟା ବିସ୍ଥାପିତ ପରିବାରଙ୍କୁ ସ୍ଥାୟୀ ନିଯୁକ୍ତି, ଜମି ଫେରସ୍ତ ଦାବି



ପଦଯାତ୍ରାରେ ସାମିଲ ହୋଇଥିବା ସଂଘର କର୍ମକର୍ତ୍ତା।

**ବ୍ରହ୍ମପୁର ଅଫିସ, ୨୩।୧**

**ଶିବସେନା ଟାଟା ଯୁବ ମୋର୍ଚ୍ଚାର ପଦଯାତ୍ରା**

ଟାଟା ବିସ୍ଥାପିତ ପରିବାରଙ୍କୁ ସ୍ଥାୟୀ ନିଯୁକ୍ତି ଓ ଅଧିଗ୍ରହଣ ଜମି ଫେରାଇବା ଦାବିରେ ଶନିବାର ଶିବସେନା ଟାଟା ଯୁବମଞ୍ଚ ପକ୍ଷରୁ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହା କମାପଲୀ ଛକଠାରୁ ବାହାରି ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲା। ସଂଘ କହିବାନୁଯାୟୀ, ୧୯୯୫ରେ ରାଜ୍ୟ ସରକାରଙ୍କ ଦ୍ୱାରା ଜିଲାରେ ଏକ ମେଗା ଷ୍ଟିଲ୍ ପ୍ଲାଣ୍ଟ ପାଇଁ ଗୋପାଳପୁର ଅଞ୍ଚଳର ପ୍ରାୟ ୪ହଜାର ଏକର ଉର୍ବର ଜମିକୁ ସରକାରଙ୍କ ଓ ଟାଟା ମିଶି ଜୋର୍‌ଜବରଦସ୍ତ ଅଧିଗ୍ରହଣ କରିଥିଲେ। ଏଥିସହ ୨୦ ହଜାର ନିଯୁକ୍ତି ସୃଷ୍ଟି କରି ଅଞ୍ଚଳ ପାଇଁ ରୋଜଗାରର ଉଦାହରଣ ସୃଷ୍ଟି କରିବା ସରକାର ଧୂଆଁବାଣ ମାରୁଥିବା ସଂଘ ଅଭିଯୋଗ କରିଛି। ଦୀର୍ଘ ବର୍ଷର ବ୍ୟବଧାନ ପରେ ବି ଅଧିକୃତ ଜମିରେ କେବଳ ପାଚେରି ବୁଲିଛି। ବିସ୍ଥାପିତ ପରିବାରଙ୍କୁ ଉଦ୍ଦେଶ୍ୟମୂଳକ ଭାବେ କିଛି ସୁବିଧା ନ ଯୋଗାଇବା ସହ ୨୦୧୫ରେ ଇଡ୍‌କୋ ପକ୍ଷରୁ ଏକ ଆର୍ଥିକ ସହାୟତା ଘୋଷଣା କରାଯାଇଥିଲା। କିନ୍ତୁ ଘୋଷଣାର ଦୀର୍ଘ ୧୫ ବର୍ଷ ପରେବି ସହାୟତା ନ ଦେଇ ପାରିବାରିକ ତ୍ରୁଟିର ଆଖ୍ୟା ଦେଇ ସ୍ଥଗିତ ରଖାଯାଇଥିବା ଅଭିଯୋଗ ହୋଇଛି। ଏଣୁ ଟାଟା ବିସ୍ଥାପିତ ପରିବାରବର୍ଗଙ୍କୁ ଚାକିରି ସହ ଜମି ଅଧିଗ୍ରହଣ ନିୟମ ଅନୁଯାୟୀ ଜମି ମାଲିକଙ୍କୁ ଜମି ଫେରାଇବା ପାଇଁ ସଂଘ ଦାବି କରିଛି। ଏହି ପଦଯାତ୍ରାରେ ସଂଘର ସଭାପତି ପି. ତୁଳସା ରେଡ୍ଡୀଙ୍କ ସମେତ ଜି.କାମରାଜୁ ରେଡ୍ଡୀ, ବି. ମାଲେସୁ ରେଡ୍ଡୀ, ବି. ସନ୍ତୋଷ, ଆର୍. ଭାସ୍କର ରେଡ୍ଡୀ, ଏନ୍. ନାରାୟଣ ରେଡ୍ଡୀଙ୍କ ସମେତ ବିସ୍ଥାପିତ ପରିବାରବର୍ଗ ଉପସ୍ଥିତ ଥିଲେ।

# ଏବିଭିପିର ନେତାଜୀ, ବୀର ସୁରେନ୍ଦ୍ର ସାଏ ଜୟନ୍ତୀ

**ବ୍ରହ୍ମପୁର ଅଫିସ, ୨୩।୧**

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଗଞ୍ଜାମ ଜିଲା ପକ୍ଷରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବିଭାଗ ସମ୍ମୁଖରେ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ସାରଦା ପ୍ରସନ୍ନ ରାଉତ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦକ ଶଶୀକାନ୍ତ ମିଶ୍ର, ଗଞ୍ଜାମ ଜିଲା ସଂଯୋଜକ ଶକ୍ତିମାନ ଦାଶ, ଏହା ସହ ଗୋପାଳପୁର କଲେଜରେ ଯୁବ ରେଡ୍‌କ୍ରସ୍ ତରଫରୁ ନେତାଜୀଙ୍କ ଜୟନ୍ତୀ ପାଳିତ ହୋଇଛି। କାର୍ଯ୍ୟକ୍ରମକୁ ହିଞ୍ଜିଳିକାଟୁ ମହାବିଦ୍ୟାଳୟ ପ୍ରାକ୍ତନ ପ୍ରାଧ୍ୟାପକ ଅମୂଲ୍ୟ କୁମାର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ । ନେତାଜୀଙ୍କ ପଥ ଅନୁସରଣ କରିବା ପାଇଁ କହିଥିଲେ । କଲେଜ ଅଧ୍ୟକ୍ଷ ରମାକାନ୍ତ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନେତାଜୀଙ୍କ ଭଳି ତ୍ୟାଗୀ ହେବାକୁ କହିଥିଲେ।

# ଜଳିଗଲା ଧାନଗଦା

**ଦିଗପହଣ୍ଡି, ୨୩।୧(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଜକର ଗ୍ରାମର ଚାଷୀ ଗଣେଶ ରେଡ୍ଡୀଙ୍କ ଶନିବାର ଭୋର୍ ୩ଟାରେ ଧାନଗଦା ସମ୍ପୂର୍ଣ୍ଣ ଜଳିଯାଇଛି। ଅମଳ ପାଇଁ ଧାନ ଖଳାରେ ରଖାଯାଇଥିବା କୌଣସି କାରଣରୁ ଧାନଗଦାରେ ନିଆଁ ଲାଗିଯାଇଥିଲା। ଦିଗପହଣ୍ଡି ଅଗ୍ନିଶମ ବାହିନୀ ହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ରାଜସ୍ୱ ନୀରିକ୍ଷକା ସରସତୀ କଁଅରଙ୍କ ଠାରୁ ସୂଚନାପାଇ ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ, ରାଜସ୍ୱ ସୁପର ଭାଇଜର ଚିତ୍ରସେନ ଦଳାଇ ପହଞ୍ଚି ତଦନ୍ତ କରିଥିଲେ। ଗଣେଶ ଜଣେ ଗରିବ ଅସହାୟ ଚାଷୀ ହୋଇଥିବାରୁ ଗ୍ରାମବାସୀ ତାଙ୍କୁ ସରକାରୀ କ୍ଷତିପୂରଣ ପ୍ରଦାନ ପାଇଁ ନିବେଦନ କରିଥିଲେ। ତେବେ କ୍ଷତିପୂରଣ ପ୍ରଦାନ ନିମନ୍ତେ ଗଞ୍ଜାମ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇ ଫେରିଛନ୍ତି।

# ସୁଭାଷ ବୋଷ, ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ପାଳିତ

**ବ୍ରହ୍ମପୁର ଅଫିସ୍, ୨୩।୧**


ଜିଲା ବିଜେଡ଼ି ପକ୍ଷରୁ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଉଛି।

ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୫ତମ ଜୟନ୍ତୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ମହାନଗରର ବିଭିନ୍ନ ସଂଗଠନ ପକ୍ଷରୁ ଶନିବାର ପାଳିତ ହୋଇଯାଇଛି। ସହରରେ ଥିବା ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ଶୋଭାଯାତ୍ରା କରାଯାଇଥିଲା। ଜିଲା ବିଜେଡି ପକ୍ଷରୁ ଟାଉନ୍ ହଲ୍ ରାସ୍ତାରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଓ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଜିଲା ଭାଜପା ପକ୍ଷରୁ ପିଭିଏନ୍ ରାଓ ଛକସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏଥିରେ ଭାଜପାର ନେତା କାହ୍ନୁଚରଣ ପତିଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଅଲ୍ ଇଣ୍ଡିଆ ଡିଏସ୍‌ଓ-ନେତାଜୀଙ୍କ ଜନ୍ମ ଜୟନ୍ତୀ ପାଳନ ଅବସରରେ ସଂଘ ପକ୍ଷରୁ ବ୍ରହ୍ମପୁର ରେଳ ଷ୍ଟେସନଠାରୁ ଏକ ବାଇକ୍ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏସ୍‌ୟୁସିଆଇ କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ କମିଟି ସଭ୍ୟ ବିଷ୍ଣୁ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।

# ପ୍ରେମ ସମ୍ପର୍କକୁ ନେଇ ହତ୍ୟା: ରକ୍ତଭିଜା ଖଣ୍ଡା, ପଥର ଜବତ

**ବ୍ରହ୍ମପୁର ଅଫିସ/କୁକୁଡାଖଣ୍ଡି, ୨୩।୧**

**ଯୁବକଙ୍କ ମୃତଦେହ ମିଳିବା ଘଟଣା**

- ମାଷ୍ଟରମାଇଣ୍ଡ ସମେତ ୫ଜଣ କୋର୍ଟଚାଲାଣ

ସଦର ଥାନା ଅନ୍ତର୍ଗତ କାଲୁଆ ଛକରୁ ଉଦ୍ଧାର ହୋଇଥିବା ରବି ପ୍ରଧାନ ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟଣା ଏବେ ପୋଲିସ ସ୍ପଷ୍ଟ କରିଛି। ଏକ ପ୍ରେମ ସମ୍ପର୍କ ଘଟଣାକୁ ନେଇ ରବିଙ୍କୁ ତାଙ୍କ ମାମୁ ପୁଅ ଭାଇ ହତ୍ୟା କରିଛି ବୋଲି ପୋଲିସ କହିଛି। ଏହି ହତ୍ୟା ଘଟଣାର ମାଷ୍ଟରମାଇଣ୍ଡ ତଥା ସୁପାରିଦାତା ଟୁଲୁ ସ୍ୱାଇଁ (୨୮)। ସେ ରବିଙ୍କୁ ହତ୍ୟା ପାଇଁ ୫ହଜାର ଟଙ୍କା ସୁପାରି ଦେଇଥିଲେ। ଏହି ହତ୍ୟା ଘଟଣାରେ ୬ଜଣ ସାମିଲ ଥିଲେ। ପୋଲିସ ଏବେ ଟୁଲୁ ସମେତ ୫ଜଣଙ୍କୁ ଧରିଛି। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଥିବା ପୋଲିସ ସନ୍ଦେହ କରୁଛି। ଘଟଣା ପରେ ରକ୍ତ ଭିଜା ଖଣ୍ଡା, ପଥର ଓ ରବିର ମୋବାଇଲ ଟୁଲୁ ନିକଟସ୍ଥ ଏକ ବୁଦାମୂଳେ ଲୁଚାଇ ରଖିଥିଲେ। ପୋଲିସ ଘଟଣାସ୍ଥଳରୁ ଏଗୁଡିକୁ ଜବତ କରିଛି। ସେହିପରି ଘଟଣା ଦିନ ଜାତୀୟ ରାଜପଥ ରାସ୍ତାକଡ଼ରେ ପଡିଥିବା ରବିଙ୍କ ବାଇକ୍ ଓ ଟୁଲୁ ବ୍ୟବହାର କରିଥିବା ବାଇକ୍ ଜବତ କରାଯାଇଛି। ଶନିବାର ମାମଲା ନମ୍ବର ୨୫/୨୧ରେ ଟୁଲୁଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଅନ୍ୟ ୪ଜଣ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ହାଜର କରାଯାଇଛି ବୋଲି ଥାନାଧିକାରୀ ସନ୍ତୋସିନୀ ଓରାମ ସୂଚନା ଦେଇଛନ୍ତି। ଏହି ଘଟଣାରେ ବନ ଦାସ ଫେରାର ଥିବା ସେ କହିଛନ୍ତି। ଘଟଣାରୁ ପ୍ରକାଶ, ଟୁଲୁ ବିବାହିତ ହୋଇଥିଲେ ମଧ୍ୟ ସେ ଜଣେ ଝିଅକୁ ଭଲ ପାଉଥିଲେ। ଅନ୍ୟପଟେ ଉକ୍ତ ଝିଅକୁ ମଧ୍ୟ ରବି ଭଲ ପାଉଥିଲେ। ଟୁଲୁ ପ୍ରେମ କରୁଥିବା ଝିଅକୁ ରବି ଏକ ତରଫା ପ୍ରେମ କରିବା ସହ ତାଙ୍କୁ ହଇରାଣ କରୁଥିଲେ। ଏ କଥାକୁ ନେଇ ଟୁଲୁ ତାଙ୍କ ପିଉସା ପୁଅ ଭାଇ ରବିକୁ ମାରିଦେବାକୁ ଧମକଚମକ ଦେଇଥିଲେ। ତାହା ସତ୍ତ୍ୱେ ମଧ୍ୟ ରବି ସମ୍ପୃକ୍ତ ଝିଅକୁ ହଇରାଣ କରୁଥିଲା। ଏଣୁ ରବିକୁ ଜୀବନରେ ମାରିଦେବାକୁ ଟୁଲୁ ଯୋଜନା କରିଥିଲା।



## ଜି.ଉଦୟଗିରିରେ ତାପମାତ୍ରା ୫.୬ ଡିଗ୍ରୀ

ଜି.ଉଦୟଗିରି : ଜି.ଉଦୟଗିରିରେ ଶୀତର ପ୍ରଭାବ ଜାରି ରହିଛି। ଦିନର ତାପମାତ୍ରାରେ ସାମାନ୍ୟ ବୃଦ୍ଧି ଘଟୁଥିବା ବେଳେ ରାତିରେ ସର୍ବନିମ୍ନ ୫.୬ ଡିଗ୍ରୀ ରହୁଛି ବୋଲି କହିଛନ୍ତି କୃଷିବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ.ଦେବାଶିଷ ମିଶ୍ର କହିଛନ୍ତି। ବିଶେଷ କରି ଗ୍ରାମାଞ୍ଚଳରେ ଅଧିକ ଶୀତ ଅନୁଭୂତ ହେଉଥିବାରୁ ଏଥିରୁ ରକ୍ଷା ପାଇବା ପାଇଁ ଲୋକମାନେ ସକାଳେ ସନ୍ଧ୍ୟାରେ ନିଆଁ ଜାଳି ବସୁଥିବା ଦେଖିବାକୁ ମିଳିଛି। ୨୪ ତାରିଖ ପର୍ଯ୍ୟନ୍ତ ଏହି ଭଳି ଥଣ୍ଡା ରହିବ ବୋଲି ଡ. ମିଶ୍ର କହିଛନ୍ତି।

**ସଂକ୍ଷେପରେ**

## ୯୩ ବସ୍ତା ଗୁଟ୍‌ଖା ଜବତ

**କାଶୀନଗର,୨୩।୧**-କାଶୀନଗର ପୋଲିସ ଶନିବାର କେ.ସୀତାପୁର ପଞ୍ଚାୟତ ଅଧୀନ ରାମେୟାପେଟା ଗ୍ରାମର ଏକ ପରିତ୍ୟକ୍ତ ଘରୁ ୯୩ ବସ୍ତା ଗୁଟଖା ଜବତ କରିଛି। ଏଥିରେ ସମ୍ପୃକ୍ତି ଥିବା ଅଭିଯୋଗରେ ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଏ ନେଇ ନଂ.୧୧/୨୧ରେ ମାମଲା ରୁଜୁ ହୋଇଛି। ବହୁ ଦିନ ଧରି ଉକ୍ତ ସ୍ଥାନରେ ବେଆଇନ୍ ଗୁଟ୍‌ଖା କାରବାର ଚାଲିଥିବା ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରିଥିଲା। ଅନ୍ୟମାନଙ୍କୁ ଶୀଘ୍ର ଧରାଯିବ ବୋଲି ପୋଲିସ କହିଛି।

## ନଳକୂପ ଅଚଳ, ଲୋକେ ହନ୍ତସନ୍ତ

**ଆର.ଉଦୟଗିରି,୨୩।୧(ଡି.ଏନ.ଏ.)**:ଆର.ଉଦୟଗିରି ଗ୍ରାମର ୪ନଂ ୱାର୍ଡରେ ଥିବା ନଳକୂପ ଦୀର୍ଘ ୧ ମାସରୁ ଉର୍ଦ୍ଧ୍ୱ ହେବ ଅଚଳ ହୋଇ ପଡ଼ିଥିବାରୁ ଲୋକେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଉକ୍ତ ୱାର୍ଡରେ ପଞ୍ଚାୟତ ତରଫରୁ ଠିକ୍ ଭାବେ ଜଳ ଯୋଗାଣ ହେଉନାହିଁ। ବାରମ୍ବାର ଅଭିଯୋଗ ପରେ ୫ ଲକ୍ଷ ଟଙ୍କାର ସୋଲାରପ୍ରକଳ୍ପ ଦ୍ୱାରା ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ତାହା ମଧ ବର୍ଷେପରେ ଅଚଳ ହୋଇପଡ଼ିଛି। ମରାମତି ପାଇଁ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଏବଂ ସ୍ଥାନୀୟ ପଞ୍ଚାୟତ ଅଧିକାରୀଙ୍କୁ ବାରମ୍ବାର ଜଣାଯାଇଥିଲେ ମଧ କେହି ଶୁଣୁନାହାନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ସୀମାଞ୍ଚଳ ବେହେରାଙ୍କୁ ପଚାରିବାରୁ ଏ ବିଷୟ ନଂ-୨ ଜେଇଙ୍କୁ ଜଣାଅ ବୋଲି କହିଥିଲେ। ଏହାପରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ରାସ ବିହାରୀ ପାତ୍ରଙ୍କୁ ଯୋଗାଯୋଗ କରିବାରୁ, ଦିନେ ଦୁଇଦିନ ମଧରେ ମରାମତି କରାଯିବ ବୋଲି କହିଥିଲେ।

## କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଗୁମ୍ମା,୨୩।୧**: ଗୁମ୍ମା ବ୍ଲକ ଗୁମ୍ମା ଗ୍ରାମ ମିନି ଷ୍ଟାଡିୟମଠାରେ ଶନିବାର ଗୁମ୍ମା ପ୍ରିମିୟମ ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଗୁମ୍ମା ପାଇକସାହି ଓ ଖ୍ରୀଷ୍ଟିଆନସାହି ମଧରେ ଆୟୋଜିତ ପ୍ରଥମ ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ବିଦ୍ୟୁତ୍ କୁମାର ଲିମା, ହେଲ୍‌ପିଙ୍ଗ ପଏଣ୍ଟ ନିଦେଶକ, ଜିଲା ପରିଷଦ, ହିମାଂଶୁ କୁମାର ଲିମା, ସମିତି ସଭ୍ୟ ନିହାର ରଞ୍ଜନ ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ୧୨ ଓଭର ବିଶିଷ୍ଟଏହି କ୍ରିକେଟ ମ୍ୟାଚ୍‌ରେ ୭ଦଳ ଖେଳିବେ। ବିଦ୍ୟୁତ୍ କୁମାର ଲିମା ଖେଳାଳିଙ୍କୁ ଜର୍ସି ପ୍ରଦାନ କରିଥିଲେ।

## ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କଲେ ବିଧାୟିକା

**ବେଗୁନିଆପଡ଼ା,୨୩।୧(ଡି.ଏନ.ଏ.)**: କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଶନିବାର ବେଗୁନିଆପଡ଼ା ବ୍ଲକ ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଫାଶୀ ପଞ୍ଚାୟତରେ ସ୍ଥିତ ଜଗନ୍ନାଥ ମନ୍ଦିର ନିକଟରେ ନିର୍ମିତ ଗୋଷ୍ଠୀ ସାଧନ କେନ୍ଦ୍ର, ଗୋପିନାଥ ମନ୍ଦିର ନିକଟରେ ନିର୍ମିତ ଗୋଷ୍ଠୀ ସାଧନ କେନ୍ଦ୍ର, ଯୁବକ ସଂଘ ଗୃହ, ଯାତ୍ରୀ ବିଶ୍ରାମାଗାର, ଗୋଷ୍ଠୀ ଶୌଚାଳୟ, କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବାସଭବନ, ବେତାରାପଲ୍ଲୀଠାରେ ପାଠାଗାର ଓ ସୂଚନା କେନ୍ଦ୍ର, ଦିଗାପଡା ପଞ୍ଚାୟତର ୧୧ ପ୍ରକଳ୍ପ ସହିତ ଚନ୍ଦନପୁର ପଞ୍ଚାୟତର ୫ଟି ପ୍ରକଳ୍ପର ଉଦ୍‌ଘାଟନ କରାଯିବା ସହ ମୁଣ୍ଡୁଳାଠାରେ ଗୋଷ୍ଠୀ ସାଧନ କେନ୍ଦ୍ରର ଶିଳାନ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ ବେଗୁନିଆପଡ଼ା ବିଡିଓ ବେଦବର ପ୍ରଧାନ, ବ୍ଲକ ବିଜେଡି ସଭାପତି ବିଜୟ କୁମାର ଦୋରା, ଜିଲା ପରିଷଦ ସଦସ୍ୟ ମନୋଜ କୁମାର ପାଣ୍ଡି, ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ଖେମୁଣ୍ଡି ଆନ୍ତଃ ଜିଲା ଭଲିବଲ: ଅଡ଼ବା ବିଜୟୀ

**ଦିଗପହଣ୍ଡି,୨୩।୧(ଡି.ଏନ୍.ଏ.)**: ଖେମୁଣ୍ଡି ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଖେମୁଣ୍ଡି ଆନ୍ତଃ ଜିଲା ଭଲିବଲ ଟୁର୍ଣ୍ଣାମେଣ୍ଟର ୭ମ ଦିବସ ମ୍ୟାଚ ଶନିବାର ଗଜପତି ଜିଲା ଅଡବା ଟିମ୍ ଓ ବ୍ରହ୍ମପୁର ପାୱାର ସିକ୍ସ ମଧରେ ଅନୁଷ୍ଠିତ ହୋଇଥିଲା। ଅଡବା ୨-୧ରେ ବିଜୟୀ ହୋଇଛି। କମିଟି ସଭାପତି ଶିବ ଶଙ୍କର ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଉପଦେଷ୍ଟା କୁରେଶୁ ମହାରଣା ଅଧ୍ୟକ୍ଷତା କରିଥିଲେ। ପୂର୍ବତନ କାଉନସିଲର ନିରୁପମା ପଟ୍ଟନାୟକ, ବନଜା ପଣ୍ଡା, ଖେମୁଣ୍ଡି ଓକିଲ ସଂଘ ସମ୍ପାଦକ ତଥା ଦିଗପହଣ୍ଡି ବିକାଶ ପରିଷଦ ସଭାପତି ଅଶେଷ ନାଥ ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ। ଉଭୟ ଟିମ୍‌ର ଶ୍ରେଷ୍ଠ ଖେଳାଳିଙ୍କୁ ସାମାଜିକ କର୍ମୀ ବିକାଶ କୁମାର ପଶୁପାଳକ ପୁରସ୍କାର ବିତରଣ କରିଥିଲେ।

# ପୁରୁଣାପାଣି ଡ୍ୟାମ୍‌ରେ ରହୁନି ପାଣି

**ବୈଦ୍ୟନାଥ ବେହେରା**
**ଖଜୁରିପଡ଼ା/ବଲସକୁମ୍ପା, ୨୩।୧(ଡି.ଏନ୍.ଏ.)**–

କନ୍ଧମାଳ ଜିଲାର ପ୍ରବେଶ ପଥ ଖଜୁରିପଡ଼ା ବ୍ଲକ୍‌ରେ ରହିଛି ପୁରୁଣାପାଣି ଡ୍ୟାମ୍। ସ୍ଥାନୀୟ ଅଞ୍ଚଳର ଚାଷ ଜମିକୁ ଜଳସେଚନ ପାଇଁ ପାହାଡରୁ ଝରି ଆସୁଥିବା ପାଣିକୁ ଅଟକାଇବାକୁ ଏହି ଡ୍ୟାମ ନିର୍ମାଣ ହୋଇଥିଲା। ଡ୍ୟାମ ନିର୍ମାଣ ପରେ କେନାଲ ମାଧ୍ୟମରେ ଜମିକୁ ପାଣି ଯୋଗାଇ ଦିଆଗଲା। ବର୍ଷସାରା ଏହି ଡ୍ୟାମ୍‌ରେ ଭରପୁର ପାଣି ରହୁଥିଲା। ଫଳରେ ଅଞ୍ଚଳରେ ଭଲ ଚାଷବାସ ହୋଇଥାଏ। କିନ୍ତୁ ବଡ଼ ଦୁଃଖ ଓ ପରିତାପର ବିଷୟ ଯେ ଫୁଲବାଣୀ ସଦର ମହକୁମା ଠାରୁ ମାତ୍ର ୧୪ରୁ୧୫ କିମି ଦୂରରେ ଏହି ଜଳ ଭଣ୍ଡାର ଅବସ୍ଥିତ ଥାଇ ମଧ ପ୍ରଶାସନ ଦୃଷ୍ଟି ଆଢୁଆଳରେ ରହିଗଲା। ଦୀର୍ଘଦିନ ହେଲା ଏହାର ଅବବାହିକାରୁ ପଙ୍କୋଦ୍ଧାର ନହେବାରୁ ଏହା ପୋତି ହୋଇଗଲାଣି। ସରକାର ଚାଷୀ ଓ ଚାଷ ପାଇଁ ଜଳ ଭଣ୍ଡାର ଗୁଡିକର ଉନ୍ନତି ଓ ପୁନରୁଦ୍ଧାର ପାଇଁ କୋଟିକୋଟି ଟଙ୍କା ବ୍ୟୟବରାଦ କରୁଛନ୍ତି, କିନ୍ତୁ ତାହା ଏଠି ଫଳପ୍ରଦ ହୋଇ ନଥିବା ପରିଲକ୍ଷିତ ହେଉଛି। ପାହାଡରୁ ମାଟି ଝରି ଆସି ଡ୍ୟାମ ପୋତି ହୋଇଗଲାଣି। ଖରାଦିନେ ଜଳସ୍ତର ବହୁତ କମିଯାଉଛି। କେତୋଟି ଋତୁକୁ ଛାଡ଼ି ଦେଲେ ଅନ୍ୟ ସମୟରେ ପୁରୁଣା ପାଣି ଡ୍ୟାମ ଆଉ ଚାଷୀଙ୍କୁ ପାଣି ଯୋଗାଇ ପାରୁନାହିଁ। ଗ୍ରୀଷ୍ମ ଋତୁ ଆସିଗଲେ ଡ୍ୟାମରେ ପାଣି କମି ଯାଉଛି। ଫଳରେ ସେହି ସମୟରେ ସ୍ଥାନୀୟ ଚାଷୀ ଚାଷ କରିଥିବା ବିଭିନ୍ନ ଫସଲ ପାଣି ଅଭାବରୁ ନଷ୍ଟ ହେଉଥିବା କହିଛନ୍ତି ଚାଷୀ ମାନେ। ଚାଷ ଜମିକୁ ଡ୍ୟାମରୁ ପାଣି ଯାଉଥିବା ଯୋଗୁ ଜଳ କର ମଧ ଆଦାୟ ହେଉଛି, କିନ୍ତୁ ଜଳ ଭଣ୍ଡାରର ଉନ୍ନତିକରଣ ପାଇଁ ବ୍ୟବସ୍ଥା ହେଉନାହିଁ। ଅନ୍ୟପକ୍ଷରେ ପର୍ଯ୍ୟଟନସ୍ଥଳୀରେ ଭରପୁର କନ୍ଧମାଳକୁ ବର୍ଷାସାରା ପର୍ଯ୍ୟଟକଙ୍କ ସୁଅ ଛୁଟେ। ପୁରୁଣା ପାଣି ଡ୍ୟାମ ନିକଟରେ ବଣଭୋଜି ପାଇଁ ଭଲ ସ୍ଥାନ ଥିବାରୁ ଏଠାରେ ପର୍ଯ୍ୟଟକ ରହି ଭୋଜି କରିଥାନ୍ତି। ମାତ୍ର ଅନୁସଙ୍ଗିକ ବ୍ୟବସ୍ଥା ଯଥା, ପିଣ୍ଡି, ପାଣି, ମହିଳାଙ୍କ ପାଇଁ ଶୌଚାଳୟ ଆଦି ନଥିବାରୁ ସେମାନେ ଅସନ୍ତୋଷ ବ୍ୟକ୍ତ କରିଥାନ୍ତି। ସେହିପରି ଅଚାନକ ଝଡ଼ବର୍ଷା ଆସିଗଲେ ରହିବା ପାଇଁ କୌଣସି ବିଶ୍ରାମ ଗୃହ ନାହିଁ। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ, ଡ୍ୟାମର ବିକାଶ ପ୍ରତି ରାଜନେତା ଏବଂ ଲୋକପ୍ରତିନିଧିଙ୍କ ଆନ୍ତରିକତା ଅଭାବ ଏବଂ ସରକାରୀ କର୍ମଚାରୀଙ୍କ ଅଣଦେଖା। ସରକାର ଏବଂ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପୁରୁଣା ପାଣି ଡ୍ୟାମ୍‌ର ବିକାଶ କରିବା ସହ ପଙ୍କୋଦ୍ଧାର କରିବାକୁ ଚାଷୀମାନେ ଦାବି କରିଛନ୍ତି।


ପୁରୁଣାପାଣି ଡ୍ୟାମ୍।

- **ଜଳକର ଦେଇ ଚାଷୀ ହତାଶ**
- **ପୋତି ହୋଇଗଲାଣି, ପୁନରୁଦ୍ଧାର ଦାବି**

# ‘ରେଳପଥର ବିକାଶ ବିନା ଉନ୍ନତି ଅସମ୍ଭବ’

**ପାରଳାଖେମୁଣ୍ଡି,୨୩।୧(ଡି.ଏନ୍.ଏ.)**

ରେଳପଥର ବିକାଶ ଓ ସମ୍ପ୍ରସାରଣ ବିନା କୌଣସି ଅଞ୍ଚଳର ଉନ୍ନତି ଅସମ୍ଭବ। ଗଜପତି ଜିଲାର ଆର୍ଥିକ ବିକାଶ ପାଇଁ ରେଳପଥ ସମ୍ପ୍ରସାରଣ ଓ ଉନ୍ନତି ନିତାନ୍ତ ଆବଶ୍ୟକ। ନୌପଡା-ପାରଳାଖେମୁଣ୍ଡି-ଗୁଣୁପୁର ରେଳପଥକୁ ଥେରୁବାଲି ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଉ ବୋଲି ବରିଷ୍ଠ କଂଗ୍ରେସ ନେତା ତଥା ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ଭି. ଚନ୍ଦ୍ରଶେଖର ନାଇଡୁ ରେଳମନ୍ତ୍ରୀ ପିୟୁଷ ଗୋଏଲଙ୍କୁ ପତ୍ର ଲେଖି ଜଣାଇଛନ୍ତି।

ଏଥିରେ ସେ ଦର୍ଶାଇଛନ୍ତି, ୨୦୧୭-୧୮ ବଜେଟରେ ନୌପଡା-ଗୁଣୁପୁର ଭାୟା ପାରଳାଖେମୁଣ୍ଡି ରେଳପଥକୁ ଥେରୁବାଲି ପର୍ଯ୍ୟନ୍ତ ୭୯ କିଲୋମିଟର ସମ୍ପ୍ରସାରଣ ପ୍ରସ୍ତାବ ସାମିଲ ହୋଇଥିଲା, ମାତ୍ର ଏପର୍ଯ୍ୟନ୍ତ କାମ ହୋଇନାହିଁ। ଏହି ରେଳପଥ ନିର୍ମାଣ ହେଲେ ଗଜପତି ଜିଲାର ଆର୍ଥିକ ବିକାଶ ଘଟିପାରିବ। ଓଡିଶା ସରକାର ପ୍ରକଳ୍ପ ଲାଗି ଆବଶ୍ୟକ ଜମି ଅଧିଗ୍ରହଣ କରି ତୁରନ୍ତ ରେଳବାଇକୁ ହସ୍ତାନ୍ତର କରିବା କଥା। ନିର୍ମାଣ ଲାଗି ବଜେଟରେ ଅତିକମ୍‌ରେ ୨ଶହ କୋଟି ଅନୁଦାନ ପାଇଁ ନାଇଡୁ ଦାବି କରିଛନ୍ତି। ଏହାବ୍ୟତୀତ ବିଶାଖାପାଟଣା-ଅମୃତସର ହୀରାକୁଦ ଏକ୍ସପ୍ରେସକୁ ଗୁଣୁପୁର ପର୍ଯ୍ୟନ୍ତ ଭାୟା ପାରଳାଖେମୁଣ୍ଡି ସମ୍ପ୍ରସାରଣ। ଏବଂ ଗୁଣୁପୁରରୁ ହାୱଡା ମଧ୍ୟରେ ଭାୟା ପାରଳାଖେମୁଣ୍ଡି ଓ ବ୍ରହ୍ମପୁର ଦେଇ ଦୈନିକ ଏକ ଏକ୍ସପ୍ରେସ ଚଳାଇବା ପ୍ରସ୍ତାବ ବଜେଟରେ ଅନ୍ତର୍ଭୁକ୍ତ କରିବାକୁ ରେଳମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

# ଏମ୍‌ପିଙ୍କ ସୋରଡ଼ା ମେଡିକାଲ ପରିଦର୍ଶନ


ଆସିକା ଏମ୍‌ପି ପ୍ରମିଳା ବିଷୋୟୀ ମେଡିକାଲ ବ୍ୟାୟାମ କେନ୍ଦ୍ରରେ ବ୍ୟାୟାମ କରୁଛନ୍ତି।

**ସୋରଡ଼ା,୨୩।୧(ଡି.ଏନ୍.ଏ.)**

ସୋରଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଶନିବାର ଅପରାହ୍ନରେ ଆସିକା ଏମ୍‌ପି ପ୍ରମିଳା ବିଶୋୟୀ, ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପରିଦର୍ଶନ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଆନନ୍ଦ ବ୍ୟାୟାମ କେନ୍ଦ୍ରକୁ ଯାଇ ଅଞ୍ଚଳର ବୟସାଧିକ ପୁରୁଷ, ମହିଳା, ଯୁବକମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ପ୍ରଦାନ ପାଇଁ ନିର୍ମିତ ବ୍ୟାୟାମ କେନ୍ଦ୍ରରେ ପହଞ୍ଚି ଏମ୍‌ପି କିଛି କ୍ଷଣ ବ୍ୟାୟାମ କରିଥିଲେ। ସର୍ବସାଧାରଣଙ୍କୁ ସୁସ୍ଥ ରଖିବାକୁ କରାଯାଇଥିବା ଏପରି ପଦକ୍ଷେପକୁ ଏମ୍‌ପି, ବିଧାୟକ ପ୍ରଶଂସା କରିଥିଲେ। ଏହି ଅବସରରେ ମେଡିକାଲରେ ଚାଲିଥିବା କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମ ଓ ସୌନ୍ଦର୍ଯ୍ୟକରଣକୁ ବୁଲି ଦେଖିଥିଲେ। ଡାକ୍ତର ଦିଲୀପ କୁମାର ନାୟକ, ଅଜିତ ପାଣିଗ୍ରାହୀ, ଫାର୍ମାସିଷ୍ଟ ସୁନୀଲ ସାମନ୍ତରାୟ, ବିପିଏମ୍ ଗୋଲକ ଗାରିଆଗଡୁଙ୍କ ସହ ବିଭିନ୍ନ ସମସ୍ୟା ନେଇ ଏମ୍‌ପି ଆଲୋଚନା କରିଥିଲେ।

# ଚକାପାଦ,ଭିନ୍‌ଟେଜ୍ ଚାମ୍ପ ବିଜୟୀ


ଅତିଥିଙ୍କ ସହ ଖେଳାଳି।

**ଫୁଲବାଣୀ ଅଫିସ, ୨୩।୧**

ଫୁଲବାଣୀ ହାଇସ୍କୁଲ ପଡ଼ିଆରେ ଭିନ୍‌ଟେଜ୍ ଚାମ୍ପ ପକ୍ଷରୁ ଜିଲାସ୍ତରୀୟ ଚାମ୍ପିଅନ୍ ଟ୍ରଫି-୨୧୦୧ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଫୁଲବାଣୀ ପାୟୋନିୟର କ୍ରିକେଟ୍ କ୍ଲବ ସହଯୋଗରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ଜିଲାର ୮ଦଳ ଭାଗନେଇଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍ ଚକାପାଦ ବ୍ଲକ ଓ ଫୁଲବାଣୀ ଇଲେଭେନ୍ ମଧରେ ଅନୁଷ୍ଠିତ ହୋଇଥିଲା। ଚକାପାଦ ବିଜୟୀ ହୋଇଛି। ସେହିପରି ଦ୍ୱିତୀୟ ମ୍ୟାଚ୍ ଆୟୋଜକ ଟିମ୍ ଭିନଟେଜ୍ ଚାମ୍ପ ଓ ମର୍ଣ୍ଣିଂ କିଙ୍ଗ୍ ଫୁଲବାଣୀ ମଧରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭିନଟେଜ୍ ଚାମ୍ପ ଟିମ୍ ବିଜୟୀ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଅତିଥିଭାବେ ଜିଲା କ୍ରୀଡ଼ା ସମ୍ପାଦକ ଶିବ ପ୍ରସାଦ ତ୍ରିପାଠୀ, ବରିଷ୍ଠ କ୍ରୀଡାବିତ୍ ଗୌରୀଶଙ୍କର ବେହେରା, ଆର୍. ରମେଶ କୁମାର ପଟ୍ଟନାୟକ ଓ ଅଶୋକ ମହାପାତ୍ର ଯୋଗ ଦେଇଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଅତିଥି ଭାବେ ପୋଲିସ ରିଜର୍ଭ ଇନ୍ସପେକ୍ଟର ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ ଯୋଗ ଦେଇଥିଲେ। ଶିବବ୍ରତ ପାଣିଗ୍ରାହୀ ଓ ନନ୍ଦ କିଶୋର ଦାସ ଅମ୍ପାୟାରିଂ ଦାୟିତ୍ୱ ତୁଲାଇଥିଲେ। ଟୁର୍ନାମେଣ୍ଟ ପରିଚାଳନାରେ କ୍ଲବର ପ୍ରଭାତ କୁମାର ମୁନୀ, ନୀଳମାଧବ ସାହୁ, ସଞ୍ଜୀବ ରାଓ, ଚକ୍ରଧର ମହାରଣା, ମାନସ ସେଠୀ, ଧିରେନ୍ଦ୍ର ନାଥ ପାତ୍ର, ଅନିଲ୍ ପ୍ରମୁଖ ସହଯୋଗ କରିଥିଲେ।

**ଚାମ୍ପିୟନ ଟ୍ରଫି-୨୦୨୧ ଉଦ୍‌ଘାଟିତ**

## ଟିକା ନେବୁନୁ, ୧ରୁ କାର୍ଯ୍ୟବନ୍ଦ

**ଜି.ଉଦୟଗିରି,୨୩।୧(ଡି.ଏନ.ଏ.)**

କ୍ୟାଡର ପୁନଃ ଗଠନ ଓ ପଦବୀ ପରିବର୍ତ୍ତନ ପୂରଣ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ରାଜ୍ୟରେ ୧୫୦୦୦ ସ୍ୱାସ୍ଥ୍ୟ କର୍ମୀ କରୋନା ଟିକା ନେବୁ ନାହିଁ ବୋଲି କହିଛନ୍ତି। ଦାବି ପୂରଣ ନ ହେଲେ ଫେବୃୟାରୀ ୧ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ଶନିବାର ଓଡିଶାର ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀ/ସ୍ୱାସ୍ଥ୍ୟ ପରିଦର୍ଶକ ମିଳିତ ମହାସଂଘର କନ୍ଧମାଳ ଶାଖା ତରଫରୁ ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ବିକ୍ଷୋଭ କରାଯାଇଛି। ଏଥିରେ ୨୭ ଜଣ ସ୍ୱାସ୍ଥ୍ୟ କର୍ମୀ ଅଂଶଗ୍ରହଣ କରିଥିବା ବେଳେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିବା ଜିଲା ଶାଖା ସମ୍ପାଦକ ପ୍ରଭାତ କୁମାର ଶତପଥୀ କହିଛନ୍ତି। ଯେଉଁଥିରେ ସରକାରୀ ସ୍ୱୀକୃତିପ୍ରାପ୍ତ ୪ଟି କ୍ଷେତ୍ର କର୍ମଚାରୀ ସଂଘ ସାମିଲ ଥିଲେ।

## ରାମମନ୍ଦିର ନିଧି ସଂଗ୍ରହ

**ରାମଗିରି,୨୩।୧(ଡି.ଏନ୍.ଏ.)**

ଆର.ଉଦୟଗିରି ବ୍ଲକ ରାମଗିରି ସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ରାମମନ୍ଦିର ନିର୍ମାଣ ପାଇଁ ନିଧି ସଂଗ୍ରହ କରାଯାଇଛି। ୭ ପଞ୍ଚାୟତର ଶତାଧିକ ଭକ୍ତ ଗ୍ରାମପଞ୍ଚାୟତ ପରିକ୍ରମା କରିଥିଲେ। ବୈଠକରେ ଶ୍ରୀରାମ ଜନ୍ମଭୂମି ମନ୍ଦିର ନିର୍ମାଣର ସଂଯୋଜକ ନରେନ୍ଦ୍ର ଯାନି, ରାଜ୍ୟ ସହ ପ୍ରାନ୍ତପ୍ରମୁଖ ଅଶୋକ ରଣବୀର, ଗଞ୍ଜାମ ଜିଲା ବିଶ୍ୱ ହିନ୍ଦୁ ପ୍ରଚାରକ ମୁନିନ୍ଦ୍ର ଶବର, ଯୁରିଆ ଯାନି, ଜିଲାର କାର୍ଯ୍ୟ ନିର୍ବାହକ ଅମୂଲ୍ୟ ପାତ୍ର, ଜିଲା ପରିଷଦ ସଭ୍ୟା ସୁପ୍ରଭା ମଣ୍ଡଳ ଓ ସ୍ଥାନୀୟ ଜନ ପ୍ରତିନିଧି ଯୋଗ ଦେଇଥିଲେ।

# ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ବୈଠକ


ଉପସ୍ଥିତ କର୍ମକର୍ତ୍ତା।

**ଗଞ୍ଜାମ,୨୩।୧(ଡି.ଏନ.ଏ.)**

ଗଞ୍ଜାମ ସାଂସ୍କୃତିକ ମଞ୍ଚ ପକ୍ଷରୁ ଚଳିତ ବର୍ଷ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ପ୍ରାକ ପ୍ରସ୍ତୁତି ଆରମ୍ଭ ହୋଇଛି। ବଡ଼ ବଜାର ସ୍ଥିତ ଏସ୍ଏମ ପରିସରରେ ମଞ୍ଚ ଉପଦେଷ୍ଟା ଉମାକାନ୍ତ ବେହେରାଙ୍କ ସଭାପତିତ୍ୱରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ନାଟକ ପରିଚାଳନା କମିଟି ଗଠନ କରାଯିବା ସହ ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ନୂତନ ସଭାପତି ଭାବେ ଶବର କୁମାର ତରାଇ, ଉପସଭାପତି ସନ୍ତୋଷ କୁମାର ଗୌଡ଼, ସମ୍ପାଦକ ରାକେଶ ରଞ୍ଜନ ଦାସ, ସହ ସମ୍ପାଦକ ନିରଞ୍ଜନ ପରିଡାଙ୍କୁ ବଛା ଯାଇଥିଲା। ଗୋବିନ୍ଦ ରେଡ୍ଡୀଙ୍କୁ ପୁର୍ନବାର ମ୍ୟାନେଜର ପଦବୀ ଘୋଷଣା କରାଯାଇଥିଲା। କୋଭିଡ କଟକଣା ସମ୍ପୂର୍ଣ୍ଣ ଭାବେ ହଟିଲେ ନାଟକ ମଞ୍ଚସ୍ଥ ପାଇଁ ଧାର୍ଯ୍ୟ କରାଯିବା ପାଇଁ ଆଲୋଚନା ହୋଇଥିଲା। ଆଲୋଚନା ହରି ବାରିକ, ମନୋଜ ପ୍ରଧାନ, କାର୍ତ୍ତିକ ତରାଇ, ଅରୁଣ ରାଉଳ, ପ୍ରଦୀପ ପଣ୍ଡା ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ। ପ୍ରକାଶଯୋଗ୍ୟ, ଗତ ବର୍ଷ ରାମ ବନବାସ କାହାଣୀ ଶେଷ ନାଟକ ମଞ୍ଚସ୍ଥ ହୋଇଥିଲା।

# ପୁରୁଷୋତ୍ତମପୁର କୋର୍ଟରେ କ୍ଲିନ୍ ଆଣ୍ଡ ଗ୍ରୀନ୍ ପ୍ରୋଜେକ୍ଟ

**ପୁରୁଷୋତ୍ତମପୁର,୨୩।୧(ଡି.ଏନ.ଏ.)**

ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ପୁରୁଷୋତ୍ତମପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ଶନିବାର କ୍ଲିନ ଆଣ୍ଡ ଗ୍ରୀନ୍ ପ୍ରୋଜେକ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଚାରପତି ଦିଲୀପ କୁମାର ବାରିକ ଏହାର ଗୁରୁତ୍ୱାରୋପ କରି ପରିବେଶର ସୁରକ୍ଷା ସହ ସଫାସୁତୁରା ରଖିବାକୁ ପରାମର୍ଶ ଦେଇଥିଲେ। ଏହା ସହ ସମସ୍ତ କର୍ମଚାରୀଙ୍କୁ ନେଇ ନିଜେ ବିଚାରପତି ଝାଡୁ ଧରି କୋର୍ଟ ପରିସର ସଫା କରିଥିଲେ। ଏଥିରେ ବରିଷ୍ଠ କିରାଣି ପ୍ରସନ୍ନ କୁମାର ବେହେରା, ଗଗନ କୁମାର ପାଣିଗ୍ରାହୀ, ମମତା ମଞ୍ଜରୀ ମହାପାତ୍ର, ମାମୁନି ବେହେରାଙ୍କ ସମେତ ବହୁ କର୍ମଚାରୀ ଯୋଗଦେଇଥିଲେ।


ବିଚାରପତି ଦିଲୀପ କୁମାର ବାରିକ ରାସ୍ତା ସଫା କରୁଛନ୍ତି।

# ନାଟକ ମାଧ୍ୟମରେ ସଡ଼କ ସୁରକ୍ଷା ସଚେତନତା

**ପାରଳାଖେମୁଣ୍ଡି,୨୩।୧(ଡି.ଏନ୍.ଏ.)**

ପାରଳାଖେମୁଣ୍ଡିଠାରେ ୩୨ତମ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପରିବହନ ବିଭାଗ ପକ୍ଷରୁ ପାରଳାଖେମୁଣ୍ଡି ମହାରାଜା ପ୍ରାସାଦ ନିକଟରେ ଏକ ପଥପ୍ରାନ୍ତ ନାଟକର ଆୟୋଜନ କରାଯାଇଥିଲା। ଯମରାଜ ଏବଂ ଚିତ୍ରଗୁପ୍ତ ବେଶରେ କଳାକାରମାନେ ଟ୍ରାଫିକ୍ ନିୟମ ନମାନିଲେ ଏବଂ ମଦ୍ୟପାନ କରି ଗାଡି ଚଳାଇଲେ ଶେଷ ପରିଣାମ କଣ ହେବ ସେନେଇ ସ୍ଥାନୀୟ ଲୋକଙ୍କୁ ସଚେତନ କରାଇଥିଲେ। ଏହାପରେ କୁନିକୁନି ପିଲାମାନେ ସ୍କେଟିଂ କରି କରିଥିଲେ। ଏହାପରେ ଏକ ସାଇକେଲ ରାଲିର ଆୟୋଜନ କରାଯାଇଥିଲା। ଏହି ରାଲି ରାଜଉଆସଠାରୁ ବାହାରି ଆଞ୍ଚଳିକ ପରିବହନ କେନ୍ଦ୍ରରେ ଶେଷ ହୋଇଥିଲା। ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉପଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ସାଇକେଲ ଚଳାଇ ରାଲିରେ ଯାଇ ସଚେତନତା ବାର୍ତ୍ତା ଦେଇଥିଲେ। ପାରଳାଖେମୁଣ୍ଡି ତହସିଲଦାର ଅଚ୍ୟୁତ ଯାନୀ, ସହକାରୀ ଜିଲାପାଳ ଜୁବୁଲି ଚରଣ ବେହେରା, ଆଞ୍ଚଳିକ ପରିବହନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।


ଟ୍ରାଫିକ ସଚେତନତା ନେଇ ପଥପ୍ରାନ୍ତ ନାଟକ।

# ଚକରାଙ୍କ ଉପରେ ଅଧିକ ପ୍ରଚାରପ୍ରସାର ଆବଶ୍ୟକ

**ଭଞ୍ଜନଗର,୨୩।୧(ଡି.ଏନ.ଏ)**

ସ୍ୱାଧୀନତା ସଂଗ୍ରାମୀ ତଥା ଘୁମୁସର ବୀର ଚକରା ବିଷୋୟୀଙ୍କ ଜୟନ୍ତୀ ଭଞ୍ଜନଗର ଅଞ୍ଚଳର ବିଭିନ୍ନ ଅନୁଷ୍ଠାନରେ ଶନିବାର ପାଳିତ ହୋଇଯାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଭଞ୍ଜନଗର ଏନ୍ଏସିର ମିଳିତ ସହଯୋଗରେ ସନ୍ଧ୍ୟାରେ ବାଇପାସ୍ ଛକରେ ଥିବା ଚକରା ବିଷୋୟୀଙ୍କ ପ୍ରତିମୂର୍ତ୍ତିସ୍ଥଳରେ ଜୟନ୍ତୀ ଉତ୍ସବ ପାଳିତ ହୋଇଥିଲା। ଚକରା ବିଷୋୟୀ ବ୍ରିଟିଶ ଶାସକଙ୍କ ବିରୋଧରେ ଲଢ଼େଇ କରିଥିଲେ। ଉପଯୁକ୍ତ ପ୍ରଚାରପ୍ରସାର ଅଭାବରୁ ତାଙ୍କ ସମ୍ପର୍କରେ ଅନେକ କଥା ଲୋକେ ଜାଣି ପାରୁନାହାନ୍ତି। ଏଥିପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଭାବେ ପଦକ୍ଷେପ ନିଆଯିବା ଆବଶ୍ୟକତା ରହିଛି। ଏଥିସହ ଅଞ୍ଚଳବାସୀ ମଧ ଚକରାଙ୍କ ଉପରେ ଅଧିକ ପ୍ରଚାର ଓ ପ୍ରସାର କିଭଳି ହୋଇପାରିବ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ବୋଲି ଜୟନ୍ତୀ ଉତ୍ସବରେ ଯୋଗଦେଇ ସଙ୍ଗୀତ ନାଟକ ଏକାଡ଼େମୀର ପୂର୍ବତନ ସଚିବ ମନ୍ମଥ କୁମାର ଶତପଥୀ କହିଛନ୍ତି।

ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ମୁଖ୍ୟ ଅତିଥି, କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଅଧକ୍ଷ ଡ଼. ନୀଳାଞ୍ଚଳ ମୁନି ମୁଖ୍ୟବକ୍ତା ଭାବେ ଉତ୍ସବରେ ଯୋଗ ଦେଇଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ, ପୂର୍ବତନ ଏନଏସି ଅଧକ୍ଷ ଏମ୍. ତାଜ୍ ଆଦେନୀ, ଚକରା ବିଷୋୟୀ କଲ୍‌ଚୁରାଲ ଏକାଡ଼େମୀ ସଭାପତି ଜଗବନ୍ଧୁ ଜେନା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶୁଳପାଣି ଶତପଥୀ ସଭା ସଂଯୋଜନା କରିଥିବା ବେଳେ ନେତାଜୀ ବିଷୋୟୀ ସ୍ୱାଗତ ଭାଷଣ ଦେଇଥିଲେ। ଯନ୍ତ୍ରୀ ସୁଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଆୟୋଜିତ ଉତ୍ସବରେ ଅଧକ୍ଷ ଡ଼.ମୁନି ସଭାପତିତ୍ୱ କରିଥିଲେ। ପ୍ରଶାସନିକ ଅଧିକାରୀ ଡ଼.ସୁବାସ ଚନ୍ଦ୍ର ପ୍ରଧାନ, ପ୍ରଫେସର ଏସ୍.କେ.ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଚକରାଙ୍କ ଜନ୍ମ ପୀଠ ବିଞ୍ଜିଗିରିରେ ମୁରଲି ପଣ୍ଡାଙ୍କ ନେତୃତ୍ୱରେ ଜୟନ୍ତୀ ପାଳିତ ହୋଇଥିଲା।



ମଞ୍ଚାସୀନ ଅତିଥି।

**ଭଞ୍ଜନଗରରେ ଚକରା ବିଷୋୟୀଙ୍କ ଜୟନ୍ତୀ**

